ପୁରୀ–କୋଣାର୍କ ବେଳାଭୂମିରେ...

ଯୋଗାଇବା ସହ ସ୍ଥାନୀୟ ଉତ୍ପାଦିତ ସାମଗ୍ରୀକୁ ମୂଲ୍ୟଯୁକ୍ତ କରାଇ ଉତ୍ପାଦନକାରୀମାନଙ୍କୁ ଲାଭବାନ କରାଇବ । ସମୟକ୍ରମେ ଏହି ବିଶ୍ୱବିଦ୍ୟାଳୟ ପରିବେଶକୁ ସନ୍ତୁଳିତ କରି ଦୀର୍ଘସ୍ଥାୟୀ କରିବାକୁ ସାହାଯ୍ୟ କରିବ । ବୁଦ୍ଧିଜୀବୀ ସୃଷ୍ଟି କରିବା, ଗବେଷଣା କରିବା ଏବଂ ସରକାରଙ୍କ ସହ ଯୋଗସୂତ୍ର କରାଇ ଏକ ନୂତନ ଅର୍ଥନୈତିକ ପରମ୍ପରା ସୃଷ୍ଟି କରାଇବା ଏହାର ଲକ୍ଷ୍ୟ । ଷ୍ଟାନଫୋର୍ଡ ବିଶ୍ୱବିଦ୍ୟାଳୟର ଗବେଷଣା ପାର୍କରେ ୧୨ହଜାରରୁ ଅଧିକ କମ୍ପାନୀକୁ ସିଲକନ ଭେଲିରେ ସ୍ଥାନ ଦେଇଛି । ଯାହାର ମୋଟ୍ ମୂଳଧନ ବିନିଯୋଗର ପରିମାଣ ୩୦୦ ବିଲିୟନ ଡଲାର । ବେଦାନ୍ତ ବିଶ୍ୱବିଦ୍ୟାଳୟ ଏହିଭଳି ସଫଳତା ହାସଲ କରିବା ପାଇଁ ଲକ୍ଷ୍ୟ ରଖିଛି । ବିଶ୍ୱବିଦ୍ୟାଳୟର ପାଠ୍ୟକ୍ରମ ଓ ଗବେଷଣା କାର୍ଯ୍ୟକ୍ରମର ଲକ୍ଷ୍ୟ ନେଇ ବହୁମୁଖୀ ଶିକ୍ଷା କାର୍ଯ୍ୟକ୍ରମ ପ୍ରବର୍ତ୍ତନ କରିବ । ଉଦାରବାଦୀ କଳା, ମୌଳିକ ବିଜ୍ଞାନ, ଇଞ୍ଜିନିୟରିଂ, ଭେଷଜ, ଆଇନ, ବାଣିଜ୍ୟ, ରାଜନୀତି ବିଜ୍ଞାନ, କୃଷି, ସୂଚନା ଓ ପ୍ରଯୁକ୍ତି ବିଦ୍ୟା, ଯୋଗାଯୋଗ, ସ୍ୱାସ୍ଥ୍ୟ ବିଜ୍ଞାନ, ଗ୍ରାମ୍ୟ ଅର୍ଥନୀତି, ଯାନ୍ତ୍ରିକ ନିର୍ମାଣ ବିଜ୍ଞାନ କ୍ଷେତ୍ରରେ ଗବେଷଣା ଜାରି କରି ଏକ ସର୍ବୋତ୍କୃଷ୍ଟ କେନ୍ଦ୍ରର ମାନ୍ୟତା ପାଇବାକୁ କାର୍ଯ୍ୟ କରିବ । ବିଶ୍ୱବିଦ୍ୟାଳୟରେ ସ୍ନାତକ, ସ୍ନାତକୋତ୍ତର, ଡକ୍ଟରେଟ ଶ୍ରେଣୀ ଖୋଲିବା ସହ ଅଧ୍ୟାପକମାନେ ବିଶ୍ୱସ୍ତରୀୟ ଜ୍ଞାନ ଗରିମାର ବ୍ୟକ୍ତି ହେବେ । ଶିଳ୍ପ ସଂସ୍ଥା ସହ ସମ୍ପର୍କ ରଖି ଉତ୍ତମ ଗବେଷଣା କରାଯିବ । ଏହି ବିଶ୍ୱବିଦ୍ୟାଳୟରେ ପ୍ରାୟ ୧ଲକ୍ଷ ଛାତ୍ରଛାତ୍ରୀ ଅଧ୍ୟୟନ କଲାଭଳି ସୁବିଧା ସୃଷ୍ଟି କରାଯିବ । ୨୦୦୮ବେଳକୁ ନାମ ଲେଖା ଆରମ୍ଭ ହେବ ।

ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ କହିଲେ ଯେ ଅନୀଲ ଅଗ୍ରୱାଲା ଫାଉଣ୍ଡେସନ ଓଡ଼ିଶାରେ ବେଦାନ୍ତ ବିଶ୍ୱବିଦ୍ୟାଳୟ ସ୍ଥାପନ କରିବାକୁ ଯାଉଥିବାରୁ ସେ ଆନନ୍ଦିତ । ଏହା ଓଡିଶା ପାଇଁ ଏକ ଗର୍ବର ବିଷୟ । ଏହି ବିଶ୍ୱବିଦ୍ୟାଳୟ ହଜାର ହଜାର ଛାତ୍ରଛାତ୍ରୀମାନଙ୍କୁ ଆକୃଷ୍ଟ କରିବା ସହ ଓଡ଼ିଶାର ଜ୍ଞାନ ବିପ୍ଳବକୁ ତ୍ୱରାନ୍ୱିତ କରି ଗତିଶୀଳ କରିବ ।

ବିଶ୍ୱବିଦ୍ୟାଳୟର ଅନ୍ୟତମ ପରାମର୍ଶଦାତା ଜର୍ମାନୀର ଏ.ଟି.କେର୍ଣ୍ଣେ କହିଲେ ଯେ ବହୁ ବିଚାର ଆଲୋଚନା ପରେ ଏହି ବିଶ୍ୱବିଦ୍ୟାଳୟ ଓଡ଼ିଶାରେ ସ୍ଥାପନ କରିବା ପାଇଁ ନିଷ୍ପତ୍ତି ହୋଇଛି । ଓଡ଼ିଶା ସରକାର ବେଦାନ୍ତ ବିଶ୍ୱବିଦ୍ୟାଳୟ ସ୍ଥାପନ ପାଇଁ ପୂର୍ଣ୍ଣ ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ଏହି ବିଶ୍ୱବିଦ୍ୟାଳୟକୁ ସ୍ୱୟଂଶାସିତ କରିବା ପାଇଁ ରାଜ୍ୟ ସରକାର ଆବଶ୍ୟକ ଆଇନର ବ୍ୟବସ୍ଥା କରିବାକୁ ସମ୍ମତି ଦେଇଛନ୍ତି ଏବଂ ଆବଶ୍ୟକ ଭିତ୍ତିଭୂମି ସହ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍ ସହିତ ଭୁବନେଶ୍ୱର ବିମାନଘାଟିକୁ ଯୋଡିବା ପାଇଁ ଏକ ତ୍ୱରିତ ରାଜପଥ ନିର୍ମାଣ କରିବେ ।

ଏହି ବୁଝାମଣା ପତ୍ର ସ୍ୱାକ୍ଷର ଉତ୍ସବରେ ଆଇନମନ୍ତ୍ରୀ ବିଶ୍ୱଭୂଷଣ ହରିଚନ୍ଦନ, ଉଚ୍ଚଶିକ୍ଷା ମନ୍ତ୍ରୀ ସମୀର ଦେ, ଯୋଜନା ଓ ସମନ୍ୱୟ ମନ୍ତ୍ରୀ ପଦ୍ମନାଭ ବେହେରା, କୃଷି ଉତ୍ପାଦନ କମିଶନର ଆର.ଏନ୍.ବହିଦାର, ଶ୍ରୀ ଅଗ୍ରୱାଲଙ୍କ ପତ୍ନୀ ଓ କନ୍ୟା ଏବଂ ତାଙ୍କ ଫାଉଣ୍ଡେସନର ବହୁ ବରିଷ୍ଠ ପଦାଧିକାରୀ ତଥା ରାଜ୍ୟ ସରକାରଙ୍କର ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ ।

ପରେ ଶ୍ରୀ ଅଗ୍ରୱାଲ ସାମ୍ବାଦିକମାନଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇ କହିଲେ ଯେ ୮ହଜାର ଏକର ଜମି ନେଲେ ବି କେତେ ପ୍ରତିଶତ ଅଞ୍ଚଳରେ ନିର୍ମାଣ କାର୍ଯ୍ୟ କରାଯିବ ଓ କେତେ ଅଂଶ ଖାଲି ରହିବ; ତାହା ବୈଷୟିକ କମିଟି ନିର୍ଦ୍ଧାରଣ କରିବ । ଓଡ଼ିଶା ବା ସ୍ଥାନୀୟ ଅଞ୍ଚଳର ଛାତ୍ରଛାତ୍ରୀମାନଙ୍କ ପାଇଁ ସ୍ଥାନ ସଂରକ୍ଷଣ କରାଯିବ କି ବୋଲି ପ୍ରଶ୍ନ ହେବାରୁ ସେ କହିଲେ ଯେ ସରକାରୀ ସଂସ୍ଥାରେ ସ୍ଥାନ ସଂରକ୍ଷଣ ବ୍ୟବସ୍ଥା ରହିଥାଏ । କିନ୍ତୁ ଘରୋଇ ସଂସ୍ଥାରେ ସେଭଳି କୌଣସି ବ୍ୟବସ୍ଥା ନାହିଁ । ତେଣୁ ଏହି ବିଶ୍ୱବିଦ୍ୟାଳୟରେ ସ୍ଥାନ ସଂରକ୍ଷଣ କରାଯିବ ନାହିଁ । କେଉଁ କେଉଁ ପାଠ୍ୟକ୍ରମ ପ୍ରଚଳନ ହେବ ତାହା ଏକ ବୈଷୟିକ କମିଟି ନିର୍ଦ୍ଧାରଣ କରିବ ।